କଟକ କେନ୍ଦ୍ର ସମବାୟ ବ୍ୟାଙ୍କ , ନିମ୍ବଚୌଡ଼ୀ , ପୋ -ଚାନ୍ଦିନୀ ଚୌକ , କଟକ-753002

NOTICE No 7282 DATE 05/03/26

## ଜମି ବିକ୍ରୟ ବିଜ୍ଞାପନ (ରାଜନଗର)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ରାଜନଗର ଶାଖା ପରିସୀମା ମଧ୍ୟରେ ନିମ୍ନ ଲିଖିତ ଜମି ବ୍ୟାଙ୍କ ତରଫରୁ ସର୍ବସାଧାରଣରେ ନିଲାମ ଜରିଆରେ ବିକ୍ରୟ କରାଯିବ । ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ତା -21.03.2026 ରିଖ ଅପରାହ୍ନ 4 ଘଟିକା ମଧ୍ୟରେ ସାଦା କାଗଜରେ ଆବେଦନ ପତ୍ର ଜଉମୁଦ କରାଯାଇଥିବା କିମ୍ବା ଉତ୍ତମ ଭାବରେ ସିଲ କରାଯାଇଥିବା ଲଫାପା ରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଆବେଦନ କରିପାରିବେ । ଆବେଦନ ପତ୍ରରେ ଏକର ପିଛା ଜମିର ନିଲାମ (କ୍ରୟ) ମୂଲ୍ୟ ଉଲ୍ଲେଖ କରିବା ଆବଶ୍ୟକ । ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଅମାନତ ରାଶି ବାବଦକୁ ଏକ ଲକ୍ଷ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ /ବ୍ୟାଙ୍କରସ ଚେକ କିମ୍ବା RTGS / NEFT ଦ୍ୱାରା ପୈଠ କରିବା ପ୍ରମାଣ ଆବେଦନ ପତ୍ର ସହିତ ସଂଲଗ୍ନ କରିବା ଆବଶ୍ୟକ । ଅମାନତ ରାଶି "କଟକ କେନ୍ଦ୍ର ସମବାୟ ବ୍ୟାଙ୍କ , ନିମ୍ବଚୌଡ଼ୀ , ପୋ -ଚାନ୍ଦିନୀ ଚୌକ , କଟକ" ନାମରେ ପୈଠ କରିବା ଆବଶ୍ୟକ । ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ନିଜର ନାମ , ଠିକଣାର ପ୍ରମାଣ ପତ୍ର ସହିତ ଆୟ କର ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା PAN କାର୍ଡ ର ଅବିକଳ ନକଲ ବା ଫୋଟଚିତ୍ର , ଆୟ କର ସମୀକ୍ଷା ବିବରଣୀ ( Income Tax Return) ସଂଲଗ୍ନ କରିବା ଆବଶ୍ୟକ । ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଆବେଦନ ପତ୍ର ସମସ୍ତ ଆବଶ୍ୟକୀୟ ପ୍ରମାଣ ସହିତ 'ସ୍ପୀଡ଼ ପୋଷ୍ଟ' , କୋରିଆର ସେବା ଦ୍ୱାରା କିମ୍ବା ବ୍ୟକ୍ତିଗତ ଭାବେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ଧାର୍ଯ୍ୟ ତାରିଖ ଓ ସମୟ ଯଥା -21.03.2026 ଅପରାହ୍ନ 4 ଘଟିକା ମଧ୍ୟରେ ଦାଖଲ କରିବା ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ କିମ୍ବା ବିଚାରକୁ ନିଆଯିବ ନାହିଁ ।

ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଯଦି ନିଲାମ କମିଟି ଦ୍ୱରା ଗ୍ରହଣୀୟ ହୁଅନ୍ତି, ତେବେ, ତାଙ୍କୁ ଜମି ନିଲାମ ରାଶିର 25% ବିକ୍ରୟ ଚୂଡାନ୍ତ ହେବାପରେ ନିଲାମ ଧାର୍ଯ୍ୟ ତାରିଖର ପରବର୍ତ୍ତୀ ଦିନ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ଶାଖାରେ ପୈଠ କରିବା ଆବଶ୍ୟକ । ଅବଶିଷ୍ଟ ରାଶି ନିଲାମ ଧାର୍ଯ୍ୟ ତାରିଖର ସାତ ଦିନ ମଧ୍ୟରେ ବ୍ୟାଙ୍କର ମୁଖ୍ୟ ଶାଖାରେ ପୈଠ କରି ଜମିର ଦଖଲ ନେବା ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ସୀମା ମଧ୍ୟରେ ଉପର ବର୍ଣିତ ସମ୍ପୂର୍ଣ ଦେୟ / ରାଶି ପୈଠ ନ କରିଲେ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତ କରାଯିବ ଓ ଜମିର ନିଲାମ ସମ୍ବନ୍ଧିତ ପରବର୍ତ୍ତୀ କାର୍ଯ୍ୟକ୍ରମ ଓ ନିଷ୍ପତ୍ତି ବ୍ୟାଙ୍କର କର୍ତ୍ତୃପକ୍ଷ ଗ୍ରହଣ କରିବେ ।

ଏଠାରେ ଉଲ୍ଲେଖ ଯୋଗ୍ୟ କି ଜମି ନିଲାମ କରିବା ସମୟରେ ବ୍ୟାଙ୍କ କୌଣସି ଦେୟ, ବକେୟା ଦେୟ , ଅନ୍ୟ କୌଣସି ଦେୟ ନିମନ୍ତେ ଦାୟୀ ରହିବ ନାହିଁ।  ବ୍ୟାଙ୍କ କର୍ତ୍ତୃପକ୍ଷ ଚାହିଁଲେ ପର୍ଯ୍ୟାୟ କ୍ରମେ ନିଲାମ ଜମି ବିକ୍ରୟ କରିପାରିବେ  ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ  ସମସ୍ତ କିମ୍ବା କୌଣସି ନିଲାମକୁ ରଦ୍ଦ ବା ସ୍ଥଗିତ ବା ନାକଚ କରିବା ଅଧିକାର ସଂରକ୍ଷିତ ରଖୁଛି।

**ଜମିର ବିସ୍ତୃତ ବିବରଣୀ –ମୌଜା- ମଙ୍ଗରାଜପୁର, ତହସିଲ- ରାଜନଗର, ଜିଲ୍ଲା-କେନ୍ଦ୍ରାପଡ଼ା**

| ଖାତା / ଖତିଆନ ନମ୍ବର | ପ୍ଲଟ ନମ୍ବର | ଜମିର ପରିମାଣ | ଏକର ପିଛା ଜମିର ମୂଲ୍ୟ (ଟଙ୍କାରେ) |
|---|---|---|---|
| ଖାତା ନମ୍ବର **-125** | 141 | **A0.16 Dec** | 10.00 ଲକ୍ଷ |
| | 86 | **A0.07 Dec** | 〃 〃 |
| | 558/739 | **A0.54 Dec** | 〃 〃 |
| | 584/998 | **A0.333Dec** | 〃 〃 |
| | 335 | **A0.16 Dec** | 〃 〃 |
| | 335 | **A0.12 Dec** | 〃 〃 |
| | 78 | **A0.205 Dec** | 〃 〃 |
| | 343 | **A0.02 Dec** | 〃 〃 |
| | 300 | **A0.22 Dec** | 〃 〃 |
| | 454 | **A0.26 Dec** | 〃 〃 |
| | 296 | **A0.16 Dec** | 〃 〃 |
| | 296 | **A0.33 Dec** | 〃 〃 |
| | 308 | **A0.34 Dec** | |
| | 593 | **A0.43 Dec** | |
| | 490/818 | **A0.5 Dec** | |
| | 686/717 | **A0.6 Dec** | |
| | 394/896 | **A0.525 Dec** | |
| | 395 | **A0.445 Dec** | |
| | 141 | **A0.16 Dec** | |
| | 86 | **A0.07 Dec** | |
| | 558/739 | **A0.54 Dec** | |
| | 21 ଗୋଟି ପ୍ଲଟ | A16.24 Dec | |

କଟକ
ତାରିଖ : ୦୪/୦୩/୨୬

କାର୍ଯ୍ୟ ନିର୍ବାହୀ ଅଧିକାରୀ,
Chief Executive Officer
କଟକ କେନ୍ଦ୍ର ସମବାୟ ବ୍ୟାଙ୍କ,
Cuttack Central Co-operative Bank Ltd.
Cuttack
ନିମ୍ବଚୌଡୀ, ପୋ -ଚାନ୍ଦିନୀ ଚୌକ, କଟକ